## ହିତାଧିକାରୀଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରେଗଡା ପଞ୍ଚାୟତ ରାଜୀବ ଗାନ୍ଧୀସେବା କେନ୍ଦ୍ରଠାରେ ରଜାପଡାର ହିତାଧିକାରୀମାନଙ୍କୁ ସରପଞ୍ଚ ସୁଷାନ୍ତ ପରିଡାଙ୍କ ଦ୍ୱାରା ରାଶନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦାଣ୍ଡିଭଜା, ଭୁଏରମୁଣ୍ଡାଠାରେ ମଧ ସଂସ୍ଥା ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂସ୍ଥା ପକ୍ଷରୁ ଗରୁଡ ଭୋଇ, ଜଗଦୀଶ ରଣା, ପ୍ରଦୀପ ସାହୁ, ଜିତୁ ଭୋଇ, ଭୁପିନ୍ଦ୍ର ଚୌଧୁରୀ, ବାସନ୍ତୀ ସାହୁ, ପୁଷ୍ପା ବାରିକ, ତିଲେଶ୍ୱର ଗଉଡ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶିବାନୀ ହେଲେ ଚଳିତବର୍ଷର ରଜସୁନ୍ଦରୀ

ଲହୁଣୀପଡା, ୧୮।୬ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଅର୍କେଇକଳା ଗ୍ରାମର ଶିକ୍ଷକ ସଞ୍ଜୟ କୁମାର ତ୍ରିପାଠୀ ଓ ସୁଧାରାଣୀ ତ୍ରିପାଠୀଙ୍କ କନ୍ୟା ଶିବାନୀ ତ୍ରିପାଠୀ । ଚଳିତ ବର୍ଷ ରଜସୁନ୍ଦରୀ ଘୋଷିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ଏ ବର୍ଷ ନିଜ ଘରେ ରହି ରଜସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇପାରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରର ଏକ ୟୁଟ୍ୟୁବ୍ ଚାନେଲ ତରଫରୁ ଏହି ପ୍ରତିଯୋଗିତାର ଆୟୋଜନ କରିଥିଲେ । ଏଥିରେ ଭାଗନେବା ପାଇଁ ଚାହୁଁଥିବା ଝିଅମାନେ ଅନଲାଇନ ଯୋଗେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଓଡିଶାର ବହୁ ପ୍ରତିଯୋଗୀ ଭାଗ ନେଇଥିଲେ । ଏହା କନିଷ୍ଠ ଓ ବରିଷ୍ଠ ଦୁଇଟି ବିଭାଗରେ କରାଯାଇଥିଲାବେଳେ ବଣାଇ ମାଟି ଅର୍କେଇକଳା ଗ୍ରାମର ଶିବାନୀ ତ୍ରିପାଠୀ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରି ତିନୋଟି ଯାକ ରାଉଣ୍ଡରେ ସଫଳତାର ସହିତ ଯୋଗ୍ୟତା ହାସଲ କରି ପ୍ରତିପକ୍ଷ ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ଚଳିତବର୍ଷର ରଜସୁନ୍ଦରୀ ବିଜୟୀ ହୋଇଥିଲେ । ଏହି ବିଜୟ ଖବର ଜଣାପଡିବା ପରେ ନିଜ ଗ୍ରାମ ଅର୍କେଇକଳା, ବଣାଇ ସମେତ ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

### ଭଙ୍ଗା କଲଭର୍ଟକୁ ତୁରନ୍ତ ମରାମତି କରାଯାଉ

ରାଉରକେଲା ଅଫିସ/ ବେଦବ୍ୟାସ,୧୮।୬(ଡି.ଏନ.ଏ): ବିଶ୍ରା ଛକଠାରୁ ଆମ୍ବେଦକର ଚୌକ ଯାଏ ମୁଖ୍ୟ ରାସ୍ତାର ଭିଡ ଓ ଟ୍ରାଫିକ ଜାମକୁ କମ୍ କରିବାକୁ ହନୁମାନ ବାଟିକା ଚୌକଠାରୁ ଟ୍ରାଫିକ ଗେଟ ଯାଏ ଏକ ପାରାଲାଲ ରୋଡ ଯାହା ମହତାବ ରୋଡ ନାମରେ ନାମିତ କାର୍ଯ୍ୟକାରୀ ହୋଇ ଆସୁଛି । ଗତ ୟାସ ତୋଫାନ ବେଳେ ଟ୍ରକ ଓନର ଆଶୋସିଏଶନ ପଛ ପାଖ ମୁଖ୍ୟ ନାଳ ଯାହା ମାଲ ଗୋଦାମ ଅଞ୍ଚଳରୁ ଆସି ଆରଏସପି କଚଡା ପୋଲଠାରେ ମିଶିଛି। ତାହା ସଫା ହୋଇ ନ ପାରି ୱାଟର ଲିକ୍ ହୋଇଯିବାରୁ ମ୍ୟୁନିସିପାଲ କର୍ତ୍ତୃପକ୍ଷ ଉକ୍ତ ରାସ୍ତାକୁ କାଟି ଜଳ ନିଷ୍କାସନର ବ୍ୟବସ୍ଥା କରିଥିଲେ । ଗତ ୨୫ ମେ ବେଳଠୁ କଟା ଯାଇଥିବା ରାସ୍ତା ମରାମତି ନ ହୋଇ ପାରିବାରୁ ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଫଳରେ ମ୍ୟୁନିସିପାଲ କଲେଜକୁ ଡେଲି ମାର୍କେଟ ଅଞ୍ଚଳ ବା ପ୍ଲାଣ୍ଟ ସାଇଟ୍ ଅଞ୍ଚଳ, ପାୱାର ହାଉସ ଅଞ୍ଚଳ ଲୋକେ, ଯେଉଁମାନେ ଉକ୍ତ ରାସ୍ତା ବ୍ୟବହାର କରୁଥିଲେ ତାହା କଟା ଯାଇଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

### ଟେଲିଫୋନ୍ ଟାୱାରରୁ ଉଦ୍ଧାର ଯୁବକଙ୍କୁ ଥଇଥାନ

ଝାରସୁଗୁଡା ଅଫିସ୍,୧୮।୬: ଝାରସୁଗୁଡା ଜିଲା ସଦର ଥାନା ଏକାତାଳି ଗ୍ରାମର କ୍ରିଷ୍ଣା ପଟେଲ(୨୩) ନାମକ ଯୁବକ ଘରେ ଝଗଡାକରି ଗତ ବୁଧବାର ଟେଲିଫୋନ୍ ଟାୱାରରେ ଚଢିଯାଇଥିଲେ। ମଦ ପିଇବାକୁ ଟଙ୍କା ଦିଅ ନ ହେଲେ ଟାଓାରରୁ ତଳକୁ ଡେଇଁ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ । ତାଙ୍କୁ ଉଦ୍ଧାର ପରେ ସଦର ଥାନା ପୋଲିସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମ୍ର ସଦସ୍ୟମାନେ ଗାଁରେ ପହଞ୍ଚି ଯୁବକଙ୍କୁ ମିଶନ ଆଶାଲୋକ କେନ୍ଦ୍ରରେ ଥଇଥାନ କରିଛନ୍ତି।

# ୧୫ ଘଣ୍ଟାରୁ ଅଧିକ ରାସ୍ତା ଜାମ୍

ଲହୁଣୀପଡ଼ା,୧୮।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକର କଲେଇପୋଷ ବରସୁଆଁ ରାସ୍ତା ଦୀର୍ଘ ୧୫ ଘଣ୍ଟା ଧରି ଜାମ ହୋଇଥିବାବେଳେ ପ୍ରଶାସନ ହତାଶ ହୋଇଥିବା ଦେଖିବାକୁ ମିଳିଥିଲା। ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଶହଶହ ଭାରିଯାନ ଉକ୍ତ ରାସ୍ତାରେ ଯାତାୟତ କରୁଥିବାବେଳେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ସ୍ଥାନୀୟ ଲୋକମାନେ ବିଭିନ୍ନ ସମୟରେ ରାସ୍ତାରୋକୋ କରିବା ସହିତ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଫଳରେ କଲେଇପୋଷ ବରସୁଆଁ ରାସ୍ତାର କଲେଇପୋଷଠାରୁ ଦଲମକୁଡା ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ଏକ ଠିକା ସଂସ୍ଥା ଟେଣ୍ଡର ଜରିଆରେ କଂକ୍ରିଟ ପାଇଁ ଗତ କିଛି ମାସ ତଳୁ କାମ ଆରମ୍ଭ କରିଛି। ଓଡ଼ିଶାରେ ମୌସୁମୀର ଆଗମନ ହେବାରୁ ବର୍ଷା ଲାଗି ରହିଛି। ଫଳରେ ଖରାପ ରାସ୍ତାଗୁଡିକ ଅଧିକ ଖରାପ ହୋଇଥିବା ଦେଖାଯାଇଛି। ଠିକା କମ୍ପାନୀର ମନମୁଖି କାର୍ଯ୍ୟ ଯୋଗୁ ପ୍ରାୟ ସମୟ ରାସ୍ତା ଜାମ


ରାସ୍ତା ଜାମ୍ ହୋଇ ଗାଡ଼ି ଅଟକି ରହିଛି।

ରହୁଥିବାବେଳେ ବୁଧବାର ଉକ୍ତ ରାସ୍ତାର ବାସୁବାହାଲ ପୋଲ ପାଖରେ ଏକ ଗାଡିର ଯାନ୍ତ୍ରିକ ତ୍ରୁଟି ହେବାରୁ ତାହା ଅଟକି ଯାଇଥିଲା। ଫଳରେ ବୁଧବାର ରାତି ୮ଟାରୁ ଗୁରୁବାର ପ୍ରାୟ ୩ଟା ପର୍ଯ୍ୟନ୍ତ ରାସ୍ତାରେ ଗମନାଗମନ ପୁରା ଠପ୍ ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଖରାପ ହୋଇଯାଇଥିବା ଗାଡି ପାର୍ଶ୍ୱରେ ଠିକା କମ୍ପାନୀ କଂକ୍ରିଟ କାମ କରିଥିଲେ ବି କଂକ୍ରିଟ ରାସ୍ତାକୁ ଗାଡି ଚଢ଼ିଯିବା ପାଇଁ ଉକ୍ତ କଂକ୍ରିଟ ଲଗେଇ ମାଟି କିମ୍ବା ମୋରମ ନ ପକାଇ ସମତୁଲ ନ କରି ସେପରି ଭାବେ ରଖିଥିବାରୁ ଖରାପ ହୋଇଯାଇଥିବା ଗାଡି ପାର୍ଶ୍ୱରେ ଯାଗା ଥାଇ ମଧ ଅନ୍ୟ ଗାଡିଗୁଡିକ ଯାଇ ନ ପାରି ଅଟକି ରହିବାକୁ ବାଧ ହୋଇଥିଲେ। ଏହି ରାସ୍ତା ଜାମ ହୋଇ କଲେଇପୋଷ ଠାରୁ ୩ ପାର୍ଶ୍ୱରେ ଯଥା କଲେଇପୋଷ ଠାରୁ ଜୁନିଆନି, କଲେଇପୋଷଠାରୁ ସୁଆରପାଲି ଏବଂ ରାସ୍ତା ଜାମ ହୋଇଥିବା ବାସୁବାହାଲ ବ୍ରିଜ ପାଖରୁ ଘଣିଘଷା ପର୍ଯ୍ୟନ୍ତ ରାସ୍ତାର ୩ ପାର୍ଶ୍ୱରେ ହଜାର ହଜାର ଗାଡି ରାସ୍ତା ଜାମ କରି ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ରାସ୍ତା ଜାମ ହେବା କାରଣରୁ ଲହୁଣୀପଡା ଡାକ୍ତରଖାନା

**କଲେଇପୋଷ ବରସୁଆଁ ପୂର୍ତ୍ତ ବିଭାଗ ରାସ୍ତା**

ବ୍ୟାଙ୍କ ତଥା ଅନ୍ୟାନ୍ୟ କାମ ପାଇଁ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଅନ୍ୟପକ୍ଷେ ପୋଲିସ ପ୍ରଶାସନ ଖରାପ ହୋଇଯାଇଥିବା ଗାଡି ଏବଂ ପାଖକୁ ପାଖ ରାସ୍ତା ଜାମ କରି ଛିଡା ହୋଇ ରହିଥିବା ଗାଡି ଗୁଡିକ ଦେଖି ପୋଲିସ ମଧ ହତାଶ ହୋଇପଡିଥିବା ପରି ମନେ ହେଉଥିଲା। ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ସାଧାରଣ ଲୋକ ତଥା ଉକ୍ତ ରାସ୍ତା ଦେଇ ବଣାଇ ଏବଂ ଲହୁଣୀପଡା ଡାକ୍ତରଖାନା ଆସୁଥିବା ଗୁରୁତର ରୋଗୀ ଏବଂ ସରକାରୀ କାର୍ଯ୍ୟାଳୟଗୁଡିକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ସେଥିପାଇଁ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବି ମହଲରେ ଦୃଢ଼ ଦାବି ହେଉଛି ।

# ସମ୍ବଲପୁର ଏମ୍ପିଙ୍କ କୋଭିଡ୍ ପ୍ରଯତ୍ନ କେନ୍ଦ୍ର ପରିଦର୍ଶନ


ସମ୍ବଲପୁର ଏମ୍ପି ନିତେଶ ଗଙ୍ଗଦେବ କୋଭିଡ୍ ପ୍ରଯତ୍ନ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଦେବଗଡ଼,୧୮।୬(ଡି.ଏନ.ଏ)

**ଜୁନ ଶେଷ ସୁଦ୍ଧା ଶେଷ ହେବ ପିଏସ୍ଏ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ**

ସ୍ଥାନୀୟ ସରକାରୀ ପଲିଟେକନିକ୍ସ୍ଥିତ କୋଭିଡ୍-୧୯ ପ୍ରଯତ୍ନ କେନ୍ଦ୍ରକୁ ଅକ୍ସିଜେନ ଯୋଗାଣ ପାଇଁ ପିଏମ କେୟାର ଫଣ୍ଡରୁ ନିର୍ମାଣାଧିନ ୧୦୦ ଏଲପିଏମ୍ କ୍ଷମତା ସମ୍ପନ୍ନ ପିଏସ୍ଏ (ପ୍ରେସର ସୁଇଙ୍ଗ ଏବଜର୍ପସନ)ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଆଗାମୀ ଜୁନ ଶେଷ ସୁଦ୍ଧା ଶେଷ ହେବ। ଶୁକ୍ରବାର ଏନେଇ ବିଧିବଦ୍ଧ ଭାବେ ସୂଚନା ଦେଇଛନ୍ତି ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ ଓ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଏନ୍ଏଚ୍ଏଆଇ (ଜାତୀୟ ରାଜପଥ ପ୍ରାଧିକରଣ)ର ଅଧିକାରୀ ଦୀପକ ଶର୍ମା। ଏମ୍ପି ଗଙ୍ଗଦେବଙ୍କ ନିର୍ମାଣାଧିନ ପିଏସ୍ଏ ପ୍ଲାଣ୍ଟ ପରିଦର୍ଶନ ଅବସରରେ ଗଙ୍ଗଦେବ ଏବଂ ଏନ୍ଏଚ୍ଏଆଇ ଅଧିକାରୀ ଶର୍ମା ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୦ ଶଯ୍ୟାକୁ ଅକ୍ସିଜେନ ଯୋଗାଇଦେବା ନିମନ୍ତେ ପିଏମ କେୟାର ଫଣ୍ଡରୁ ଗତ ମେ ମାସ ୨୮ରୁ ଏହି ପିଏସ୍ଏ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଦେବଗଡ ଜିଲା ପ୍ରଶାସନ ଜିଲା ସ୍ୱାସ୍ଥ୍ୟ ବିଭାଗ, ପିଡବ୍ଲୁଡି (ରାସ୍ତା ଓ ସୌଧ), ବିଦ୍ୟୁତ୍ ବିଭାଗ ଓ ଡିଆରଡିଓର ମିଳିତ ସହଯୋଗରେ ଯୁଦ୍ଧକାଳିନ ଭିତିରେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସେଡ୍ ନିର୍ମାଣ କାର୍ଯ୍ୟଠାରୁ ଆରମ୍ଭ କରି ବିଦ୍ୟୁତ୍ ସଂଯୋଗ, ଡାକ୍ତରଖାନାରୁ ଅକ୍ସିଜେନ ପାଇପ୍ଲାଇନ୍ ସଂଯୋଗ ପର୍ଯ୍ୟନ୍ତ ସମସ୍ତ କାମ ଆଗାମୀ ଜୁନ ୩୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ସେମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ସମ୍ବଲପୁର ଲୋକସଭା ସଦସ୍ୟ ଗଙ୍ଗଦେବଙ୍କ କୋଭିଡ ପ୍ରଯତ୍ନ କେନ୍ଦ୍ର ପରିଦର୍ଶନ ସମୟରେ ଏମ୍ପିଙ୍କ ସମ୍ବଲପୁର ଜିଲା ନୋମିନୀ ତଥା ଦେବଗଡର ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଞ୍ଜିତ ପଟେଲ ଓ ଦେବଗଡ ଜିଲା ନୋମିନୀ ଯୋଗେଶ ଚନ୍ଦ୍ର ପ୍ରଧାନ ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗର ଅଧିକାରୀ/କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୩ ଲକ୍ଷ ୧୭ହଜାର ଚୋରି ଟଙ୍କା ଉଦ୍ଧାର: ଦୁଇ କୋର୍ଟ ଚାଲାଣ

ଲହୁଣୀପଡା/ଟେନସା,୧୮।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଟେନ୍ସା ଗେଷ୍ଟ ହାଉସରେ ରହୁଥିବା ରାଜେଶ ସିଂଙ୍କ ରୁମରୁ ଚୋରି ହୋଇଥିବା ଲହୁଣୀପଡା ଥାନାରେ ଅଭିଯୋଗ କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ନକଲି ଚାବିରେ ତାଲା ଖୋଲି ବ୍ୟାଗରେ ଥିବା ୩ ଲକ୍ଷ ୧୭ ହଜାର ଟଙ୍କା, ମୋବାଇଲ ଫୋନ, ଏଟିଏମ୍ କାର୍ଡ, କପଡା, ଇତ୍ୟାଦି ଚୋରି ହୋଇ ଯାଇଛି ବୋଲି ରାଜେଶ ସିଂ ଗତ ୧୭ ତାରିଖ ଲହୁଣୀପଡା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଗୁରୁତର ସହିତ ବିଚାରକୁ ନେଇ ଲହୁଣୀପଡା ପୋଲିସ ମାମଲା ରୁଜୁ କରିବା ସହିତ ତନାଘନା ଜାରି ରଖିଥିଲେ। ତିନିଦିନ ପରେ ଚୋରି କରି ନେଇଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୩ ଲକ୍ଷ ୧୭ ହଜାର ଟଙ୍କା ଉଦ୍ଧାର କରିବା ସହିତ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଥିଲେ। ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ସୂଚନା ଅନୁସାରେ ଲହୁଣୀପଡା ଥାନା ଅନ୍ତର୍ଗତ ଟେନସା ଗେଷ୍ଟ ହାଉସ ୮ ନମ୍ବର ରୁମରେ ରାଉରକେଲା ବାସନ୍ତୀ କଲୋନୀ ନିବାସୀ ରାଜେଶ ସିଂ ଏବଂ ତାଙ୍କ ସହଯୋଗୀ ରାଉରକେଲା ସେକ୍ଟର ୧୯ ର ଦୀପକ କୁମାର ଗଉଡ଼ (୪୦)ଙ୍କ ସହିତ ଟେନସାକୁ ଆସି ପୁରୁଣା ଲୁହା ଲକଡ଼ କିଣାକିଣି କରୁଥିଲେ। ବ୍ୟାଗରେ ପ୍ରଚୁର ପରିମାଣର ଟଙ୍କା ଥିବା ଦୀପକ ଗଉଡ଼ ଜାଣିପାରିବାରୁ ଉକ୍ତ ଟଙ୍କାକୁ ନେଇ ଫେରାର ହେବା ଯୋଜନା କରିଥିଲା। ତାର ଅନ୍ୟ ଦୁଇଜଣ ଅପରାଧୀ ସହଯୋଗୀ ରାଉରକେଲା ଦଳପୋଷର ହେଲି କିଜୁର (୪୧), ଅନ୍ୟ ଜଣକୁ ଫୋନ କରି ଡାକିଥିଲେ। ଦୀପକ ଗଉଡ଼ ସୂଚନା ମତେ ସେହି ଦୁଇଜଣ ଗେଷ୍ଟ ହାଉସ ୮ ନମ୍ବର ରୁମର ଏକ ନକଲି ଚାବି ତିଆରି କରି ମଧ ଆଣିଥିଲେ। ରାଜେଶ ସିଂ କ୍ୟାଣ୍ଟିନକୁ ଖାଇଯିବା ସମୟରେ ହେଲି କୁଜୁର ଓ ଅନ୍ୟ ସହଯୋଗୀ ସହିତ ଦୀପକ ଗଉଡ଼ ତାଲାଖୋଲି ଟଙ୍କା ଭର୍ତ୍ତି ବ୍ୟାଗକୁ ଚୋରି କରି ନେଇଯାଇଥିଲେ ବୋଲି ରାଜେଶ ସିଂ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ଲହୁଣୀପଡା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି କରିଥିଲେ। ଦୀପକ କୁମାର ଗଉଡ଼ ଓ ହେଲି କୁଜୁର ଙ୍କ ଘର ଉପରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛି। ଚୋରି ହୋଇଥିବା ୩ ଲକ୍ଷ ୧୭ ହଜାର ଟଙ୍କା ମୋବାଇଲ ଫୋନ ଏଟିଏମ କାର୍ଡକୁ ପୋଲିସ ଉଦ୍ଧାର କରିବା ସହିତ ଦୀପକ ଗଉଡ଼ ଓ ହେଲି କୁଜୁର ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଲହୁଣୀପଡା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ଟେନସା ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ସୂଚନା ଦେଇଛନ୍ତି।

# ବିଜେଡିର ରକ୍ତଦାନ ଶିବିର, ୩୭ ୟୁନିଟ ସଂଗ୍ରହ

ସୁନ୍ଦରଗଡ,୧୮।୬(ଡି.ଏନ.ଏ)

ଶୁକ୍ରବାର ସୁନ୍ଦରଗଡ ବିଜୁଜନତା ଦଳ ପକ୍ଷରୁ ଟାଙ୍ଗରପାଲି ବ୍ଲକ ତେଲିପାଲି ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହଙ୍କ ତତ୍ତ୍ୱାବଧାନରେ, ଟାଙ୍ଗରପାଲି ବ୍ଲକ ଅଧକ୍ଷ ଜଟିଆ ମୁଣ୍ଡାଙ୍କ ସହଯୋଗ କ୍ରମେ ସୁନ୍ଦରଗଡ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୟଦ ସେହବାଜ ହୁସେନଙ୍କ ନେତୃତ୍ୱରେ "ଓଡ଼ିଶା ମୋ ପାରିବାର ଓ ଜୀବନ ବିନ୍ଦୁ" ଆନୁକୁଲ୍ୟରେ ଟାଙ୍ଗରପାଲି ବ୍ଲକ ତେଲିପାଲିଠାରେ ଏହି ରକ୍ତଦାନ ଶିବର ଅନୁଷ୍ଠିତ ହୋଇଥିଲା।ଏହି ଶିବିରକୁ ସୁନ୍ଦରଗଡର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଂହ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୩୭ ୟୁନିଟ ରକ୍ତସଂଗ୍ରହ କରାଯାଇ ରକ୍ତଦାତାଙ୍କୁ ଉତ୍ସାହିତ କରାଯାଇଥିଲା।

# ଉନ୍ନୟନ କାର୍ଯ୍ୟକୁ ନେଇ ବ୍ଲକ ଅଧକ୍ଷା-ବିଡିଓ ବିବାଦ

ଦେବଗଡ଼,୧୮।୬ (ଡି.ଏନ୍.ଏ)

ଉନ୍ନୟନମୂଳକ କାର୍ଯ୍ୟକୁ କେନ୍ଦ୍ରକରି ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳୀ ହାତୀ ଓ ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ମଧ୍ୟରେ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦ ପୁଣି ଥରେ ଘନେଇଛି। ଏହି କ୍ରମରେ ବିଡିଓ ମନୋମୁଖି କାର୍ଯ୍ୟ କରିବା ସହ ପଞ୍ଚାୟତ ସମିତି ସୁଧ ଅର୍ଥକୁ ବେଆଇନ ଭାବେ ବ୍ୟୟ କରୁଥିବା ବ୍ଲକ ଅଧକ୍ଷା ହାତୀ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେହିପରି ଏଥିରେ ସହଯୋଗ ନ କରିବାରୁ ଆକ୍ରୋଶମୂଳକ ପଦକ୍ଷେପ ସ୍ୱରୂପ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ସରପଞ୍ଚ ଓ ସମିତି ସଦସ୍ୟ ପ୍ରତ୍ୟେକଙ୍କୁ ୧୦ଲକ୍ଷ ଟଙ୍କା ମୂଲ୍ୟର ଠିକା କାମର ପ୍ରଲୋଭନ ଦେଖାଉଥିବା ଗଣମାଧ୍ୟମର ପ୍ରତିନିଧିଙ୍କ ସମ୍ମୁଖରେ ଅଭିଯୋଗ କରିଛନ୍ତି। ବ୍ଲକ ଅଧକ୍ଷା ହାତୀଙ୍କ ଅଭିଯୋଗ ଅନୁଯାୟୀ ସୁଧ ଅର୍ଥ ବ୍ୟୟ କରିବା ନିମନ୍ତେ ପଞ୍ଚାୟତ ସମିତି ବୈଠକର ଆବଶ୍ୟକତା ରହିଛି। ମାତ୍ର ପଞ୍ଚାୟତ ସମିତିର ବିନା ଅନୁମୋଦନରେ ବିଡିଓ ଜୟପୁରିଆ ରିଆମାଳ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ନିମନ୍ତେ ପଞ୍ଚାୟତ ସମିତି ସୁଧ ଅର୍ଥରୁ ୨୦ ଲକ୍ଷ ଟଙ୍କା ଏବଂ ଗ୍ରାମୀଣ ହାଟ ନିର୍ମାଣ ବାବଦରେ ୫.୩୬ ଲକ୍ଷ ଟଙ୍କା ଏହି ଭଳି ବିଭିନ୍ନ ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର କରିଛନ୍ତି। ପଞ୍ଚାୟତ ସମିତିର ବିନା ଅନୁମୋଦନରେ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଏ

**ଖବରଦାତା ସମ୍ମିଳନୀରେ ବିଡ଼ିଓଙ୍କ ବିରୋଧରେ ଅଭିଯୋଗ ଆଣିଲେ ବ୍ଲକ ଅଧକ୍ଷା**

ବାବଦୀୟ ଫାଇଲରେ ବ୍ଲକ ଅଧକ୍ଷା ହାତୀ ଦସ୍ତଖତ ନ କରିବାରୁ ବିଡିଓ ଜୟପୁରିଆ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ସରପଞ୍ଚ ଓ ସମିତି ସଦସ୍ୟମାନଙ୍କୁ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ଠିକା କାମର ପ୍ରଲୋଭନ ଦେଖାଉଛନ୍ତି। ରିଆମାଳ ବ୍ଲକରେ ବିଡିଓ ଜୟପୁରିଆଙ୍କ ଦ୍ୱାରା ବିଭିନ୍ନ ଅନିୟମିତ କାର୍ଯ୍ୟ ହେଉଥିବା ନେଇ ଶ୍ରୀମତୀ ହାତୀ ଜିଲାପାଳଙ୍କ ନିକଟରେ ଗୁହାରୀ କରିଥିଲେ ମଧ ଜୟପୁରିଆଙ୍କୁ ଜିଲାପାଳ ଘଣ୍ଟ ଘୋଡାଉଛନ୍ତି ବୋଲି ମଧ ସେ ଅଭିଯୋଗ କରିଛନ୍ତି। ସେ ଜଣେ ଦଳିତ ମହିଳା ହୋଇଥିବାରୁ ତାଙ୍କ ବିରୁଦ୍ଧରେ ଏଭଳି ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ଅଧକ୍ଷା ଶ୍ରୀମତୀ ହାତୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ବ୍ଲକ ଏବଂ ଜିଲା ପ୍ରଶାସନ ଯଦି ଏଭଳି ଉଦ୍ୟମରୁ କ୍ଷାନ୍ତ ନ ରୁହନ୍ତି,ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ରିଆମାଳ ବିଡିଓ ଜୟପୁରିଆଙ୍କ ମତାମତ ଲୋଡିବାରୁ ସେ ବ୍ଲକ ଅଧକ୍ଷାଙ୍କର ସମସ୍ତ ଅଭିଯୋଗକୁ ଅମୂଳକ କହି ଖଣ୍ଡନ କରିବାସହ ସବୁକିଛି ଗାଇଡ୍ ଲାଇନ ଅନୁଯାୟୀ କରାଯାଇଛି ବୋଲି ଉତ୍ତର ଦେଇଛନ୍ତି।

# ଡାକ୍ତରଙ୍କ ଉପରେ ହିଂସା ଆଚରଣକୁ ବିରୋଧ

ସୁନ୍ଦରଗଡ଼, ୧୮।୬ (ଡି.ଏନ୍.ଏ)

ଭାରତୀୟ ମେଡିକାଲ ଆସୋସିଏଶନ ପକ୍ଷରୁ ଆହୂତ ଜାତୀୟ ପ୍ରତିବାଦ ଦିବସ ଅବସରରେ ଶୁକ୍ରବାର ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନେ ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ ଦିବସ ପାଳନ କରିଥିଲେ। କୋଭିଡ୍ କିମ୍ବା ଅନ୍ୟ କୌଣସି ଜରୁରୀକାଳୀନ ସେବା ନିର୍ବାହ କରୁଥିବା ବେଳେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟମାନେ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ବିରୁଦ୍ଧରେ ହିଂସାତ୍ମକ ଆକ୍ରମଣ କରିବାକୁ ପଛେଇ ନ ଥାଆନ୍ତି। ବିଭିନ୍ନ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଡାକ୍ତରମାନେ ରୋଗୀ ସେବା କରୁଥିବାବେଳେ ଏଭଳି ଆଚରଣ ଯୋଗୁ



ଡାକ୍ତରମାନେ ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ ଦିବସ ପାଳନ କରୁଛନ୍ତି।

ଡାକ୍ତରମାନେ ମଧ୍ୟ ମାଡଖାଇ ଜୀବନ ହାରୁଛନ୍ତି। ଏଭଳି ସ୍ଥିତିରେ ଡାକ୍ତରମାନଙ୍କ ମନୋବଳକୁ ସୁଦୃଢ କରିବା ଓ ସେମାନଙ୍କ ସୁରକ୍ଷା ଦାବିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଶୁକ୍ରବାର ସୁନ୍ଦରଗଡ ଜିଲା ମୁଖ୍ୟ

**ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତରଙ୍କ ପକ୍ଷରୁ ଜାତୀୟ ପ୍ରତିବାଦ ଦିବସ**

ଡାକ୍ତରଖାନାରେ ଏକ ପ୍ରତୀକାତ୍ମକ ବିରୋଧ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଡା ଗୁରୁ ପ୍ରସାଦ ମହାନ୍ତ, ଡା. ଦୀପକ ପ୍ରଧାନ, ଡା. ପ୍ରଦୀପ ପ୍ରସାଦ, ଡା. ରୁମା ମହାପାତ୍ର, ଡା. ଶ୍ୟାମା ପ୍ରସାଦ, ସୁରଭି ଭିଡ୍ରିଆ, ଡା. ଏଲିନା ଚୌଧୁରୀ, ଡ଼ା ସୂର୍ଯ୍ୟକାନ୍ତ ନାଥ, ଡା ମନୀଷ ଶର୍ମା, ଡା ତ୍ରିଲୋଚନ ବାରିକ ପ୍ରମୁଖ ସାମିଲ ଥିଲେ।

# ବିପଦକୁ ଆମନ୍ତ୍ରଣ କରୁଛି ରାଞ୍ଚିରୋଡ ସଲଙ୍ଗାବାହାଲ ରାସ୍ତା

କୁତ୍ରା, ୧୮।୬(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥର ରଞ୍ଚିରୋଡ଼ ଛକଠାରୁ ଲମ୍ବିଥିବା ଲକ୍ଷ୍ମୀପୋଷ, ସଲଙ୍ଗାବାହାଲ ରାସ୍ତା ବିପଦକୁ ଆମନ୍ତ୍ରଣ କରୁଛି। ଏହି ରାସ୍ତାଟି ବୀରମିତ୍ରପୁର ଓ ଝାଡ଼ଖଣ୍ଡ ରାଜ୍ୟକୁ ସଂଯୋଗ କରୁଛି। କିଛିବର୍ଷ ହେଲାଣି ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବରେ


ରାସ୍ତା ଖାଲଖମା ହୋଇ ଶୋଚନୀୟ ହୋଇଛି।

ପରିଗଣିତ ହେଲାଣି। ଏହି ରାସ୍ତା ଦେଇ ଭାରିଯାନ ନିୟମିତ ଭାବରେ ଚଳାଚଳ ସାଙ୍ଗକୁ ବସ ମଧ ଚଳାଚଳ କରୁଛି। ଗ୍ରାମାଞ୍ଚଳର ସାଧାରଣ ଜନତା ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ବର୍ଷେରୁ ଉର୍ଦ୍ଧ୍ୱ ହେଲାଣି ଏହି ରାସ୍ତା ବିଗିଡିବାରେ ଲାଗିଲାଣି। ରାସ୍ତାର ଶହଶହ ସ୍ଥାନରେ ଲମ୍ବା ଚଉଡା ଓ ଗଭୀର ଖାଲଖମା ସୃଷ୍ଟି ହେବା ଦ୍ୱାରା ନିୟମିତ ଦୁର୍ଘଟଣା ଘଟୁଛି। ବିଶେଷଭାବରେ ଲକ୍ଷ୍ମୀପୋଷଠାରୁ ସଲଙ୍ଗାବାହାଲ ଦୀର୍ଘ ୫ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ଅଛି। ସାମାନ୍ୟ ବର୍ଷାରେ ରାସ୍ତା କୃତ୍ରିମ ପୋଖରୀର ଛାୟା ସୃଷ୍ଟି କରୁଛି। ଏଥିରେ ଅନେକଙ୍କ ଜୀବନ ହାନି ହେବା ସାଙ୍ଗକୁ ଆହତଙ୍କ ସଂଖ୍ୟା ବଢୁଛି। ରାଞ୍ଚି, ଝାଡ଼ଖଣ୍ଡରୁ ନିୟମିତ ଭାରିଯାନର ଯାତାୟାତ, ଶଙ୍ଖ ନଦୀ ବାଲୁଘାଟ ଏବଂ ଲାଞ୍ଜିବେରନା ଖଣି ଅଞ୍ଚଳରୁ ଶହ ଶହ ଭାରିଯାନ ଯାତାୟାତ ହେବା ଦ୍ୱାରା ରାସ୍ତାର ଏପରି ଅବସ୍ଥା ହୋଇଛି। ରାସ୍ତା ଯେତେ ଖରାପ ହେଉଛି, ତାଠାରୁ ବେଶୀ ପରିତାପର ବିଷୟ ଯେ ବର୍ଷ ବର୍ଷ ବିତିଗଲେ ମଧ ରାସ୍ତାର ମରାମତି ହୋଇପାରୁନାହିଁ। ଲୋକେ ବାରମ୍ବାର ଅଭିଯୋଗ କରିବା ସହିତ ରାସ୍ତାରୋକୋ କରିବା ପରେ ମଧ ରାସ୍ତାର ମରାମତି ହୋଇପାରୁନାହିଁ। ଏଣୁ ଏହି ରାସ୍ତାର ମରାମତି କରିବା ପାଇଁ ପ୍ରଶାସନିକ ଅଧିକାରୀଗଣ ତତ୍ପରତା ଦେଖାଇବା ପାଇଁ ଲୋକେ ଦାବି କରିଛନ୍ତି।

# କଏଟ ଗ୍ରାମକୁ ଛୁଇଁପାରିନି କରୋନା

ଝାରସୁଗୁଡ଼ା ଅଫିସ,୧୮।୬

ଝାରସୁଗୁଡ଼ା ଜିଲାର ଏମିତି ଏକ ଗାଁ ରହିଛି, ଯେଉଁଠିକୁ ମହାମାରୀ କରୋନା ଛୁଇଁପାରିନାହିଁ। ଏହି ଗାଁ ହେଉଛି ଝାରସୁଗୁଡ଼ା ବ୍ଲକ ମଲ୍ଦା ପଞ୍ଚାୟତର କଏଟ। ଗତବର୍ଷ କିମ୍ବା ଚଳିତବର୍ଷ ଗ୍ରାମର କୌଣସି ବ୍ୟକ୍ତି କରୋନା ସଂକ୍ରମିତ ହୋଇନାହାନ୍ତି। ଏହାର କାରଣ ଜାଣିବା ପାଇଁ ଯୋଗାଯୋଗ ପରେ ଗାଁର ଜଣେ ସଚେତନ ଯୁବକ ସୁରେଶ ବିଶି କହିଛନ୍ତି, ଏକତା ସାଙ୍ଗକୁ ସଚେତନତା ଏହାର ମୂଳମନ୍ତ୍ର। ମହାମାରୀ କରୋନା ଯେତେବେଳେ ଜିଲାରେ ବ୍ୟାପିବାକୁ ଲାଗିଲା ସେତେବେଳେ ପ୍ରଥମରୁ ଗାଁର ଜୟଦେବା କ୍ଲବର ସଦସ୍ୟମାନେ ତତ୍ପରତା ପ୍ରକାଶକରି ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ନିୟମିତ ହାତ ଧୋଇବା, ଘର ବାହାରକୁ ଗଲେ ମାସ୍କ ପିନ୍ଧିବା ଓ ନିଜନିଜ ମଧ୍ୟରେ ଦୂରତା ରକ୍ଷା କରିବାକୁ ବୁଝାଇଥିଲେ।


କଏଟ ଗାଁ ଦୃଶ୍ୟ।

ବ୍ଲକ୍ ପ୍ରଶାସନ ତରଫରୁ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ଗାଁରେ ଘରକୁଘର ବୁଲି ଲୋକଙ୍କୁ ସଚେତନ କରାଉଥିଲେ। ଗ୍ରାମବାସୀ ଏହାକୁ ମାନି ଚଳୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗାଁରେ ୨ଥର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ହେଲେ ସମସ୍ତ ରିପୋର୍ଟ ନେଗେଟିଭ୍ ଆସିଥିଲା ବୋଲି ବିଡିଓ ପ୍ରସନ୍ନ ପାଣ୍ଡେ କହିଛନ୍ତି। ସେ ଆହୁରି କହିଛନ୍ତି, ଗାଁର ଅଧିକାଂଶ ଲୋକ ଧୀବର ହୋଇଥିବାବେଳେ ସେମାନେ ଜୀବିକା ପାଇଁ ବାହାରକୁ ନ ଯାଇ ନଦୀରୁ ମାଛମାରି ପରିବାର ପ୍ରତିପୋଷଣ କରନ୍ତି। ଯେଉଁମାନେ ବଜାରକୁ ମାଛ ବିକ୍ରି କରିବାକୁ ଯାଆନ୍ତି, ସେମାନେ ଗାଁ ନିଷ୍ପତ୍ତିକୁ ମାନି ମୁହଁରେ ମାସ୍କ ଲଗାଇବା ସହ ସାନିଟାଇଜର ବ୍ୟବହାର କରିଥାନ୍ତି। ଫଳରେ କରୋନା ଭୂତାଣୁ ବାହାରୁ ଗାଁକୁ ପ୍ରବେଶ କରିପାରିନାହିଁ। ସୂଚନାଯୋଗ୍ୟ ଉକ୍ତ ଗାଁ

**ଏକତା ଓ ସଚେତନତା ମୂଳମନ୍ତ୍ର**

ଜିଲା ସଦର ମହକୁମାରୁ ପ୍ରାୟ ୩୦କି.ମି. ଦୂର, ସମ୍ବଲପୁର ଜିଲା ସୀମାନ୍ତ ଭେଡେନ୍ ନଦୀ ଓ ଇବ୍ ନଦୀର ସଙ୍ଗମ ସ୍ଥଳୀରେ ରହିଛି। ଗ୍ରାମରେ ପ୍ରାୟ ୩ଶହ ଲୋକ ବସବାସ କରନ୍ତି। ୮୦ପ୍ରତିଶତ ଧୀବର ଶ୍ରେଣୀର ଓ ବାକି ଅନ୍ୟ ଜାତିର ଲୋକ ରହିଛନ୍ତି। ଗାଁର ନିଷ୍ପତ୍ତିକୁ ସମସ୍ତେ ମାନି କାର୍ଯ୍ୟରେ ଲଗାଇଥାନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯଦି କେହି ଆର୍ଥିକ ଅନଟନରେ ପଡେ ତେବେ ଗ୍ରାମବାସୀ ସାମୂହିକ ଭାବେ ତାଙ୍କୁ ସହଯୋଗ କରିଥାନ୍ତି। ଗ୍ରାମବାସୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମହାମାରୀ କରୋନା ସାରା ବିଶ୍ୱକୁ ଦୋହଲାଇ ଦେଇଛି। ଏଥିପାଇଁ ଏବେ ସାରା ବିଶ୍ୱ ଚିନ୍ତିତ। ଏହି ମହାମାରୀକୁ ହରାଇବାକୁ ହେଲେ ଆମେ ସମସ୍ତେ ସଚେତନ ହେବା ସାଙ୍ଗକୁ ଏକତାର ସହ ଲଢ଼େଇ କରିବା ଆବଶ୍ୟକ।

## ହିତାଧିକାରୀଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରେଗଡା ପଞ୍ଚାୟତ ରାଜୀବ ଗାନ୍ଧୀସେବା କେନ୍ଦ୍ରଠାରେ ରଜାପଡାର ହିତାଧିକାରୀମାନଙ୍କୁ ସରପଞ୍ଚ ସୁଷାନ୍ତ ପରିଡାଙ୍କ ଦ୍ୱାରା ରାଶନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦାଡିଭଜା, ଭୁଏରମୁଣ୍ଡାଠାରେ ମଧ ସଂସ୍ଥା ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂସ୍ଥା ପକ୍ଷରୁ ଗରୁଡ ଭୋଇ, ଜଗଦୀଶ ରଣା, ପ୍ରଦୀପ ସାହୁ, ଜିତୁ ଭୋଇ, ଭୁପିନ୍ଦ୍ର ଚୌଧୁରୀ, ବାସନ୍ତୀ ସାହୁ, ପୁଷ୍ପା ବାରିକ, ଟିଲେଶ୍ୱର ଗଉଡ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଅନ୍ତର୍ଜାତୀୟ ମାନବାଧିକାର ପରିଷଦ ଜିଲାବୋର୍ଡ ଗଠିତ

**ବଲାଙ୍ଗୀର ଅଫିସ, ୧୮।୬:** ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ବଲାଙ୍ଗୀର ଜିଲା ବୋର୍ଡ ଶୁକ୍ରବାର ଗଠନ କରାଯାଇଛି। ପରିଷଦର ଓଡିଶା ରାଜ୍ୟ ବୋର୍ଡ ସଭାପତି ମୀନକେତନ ପଟ୍ଟନାୟକଙ୍କ ନେତୃତ୍ୱରେ ବଲାଙ୍ଗୀର ଗସ୍ତରେ ଏକ ଟିମ୍ ଆସି ଜିଲା ବୋର୍ଡ ସଭାପତି ଭାବେ ବଳରାମ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ବଲାଙ୍ଗୀର ଏସଡିପିଓ ଅଫିସକୁ ଯାଇ ଏସ୍‌ଡିପିଓ ତୋଫାନ ବାଗଙ୍କ ସହ ଆଲୋଚନା କରିବା ସହ ଜିଲା ପୋଲିସ କାର୍ଯ୍ୟାଳୟରେ ଏକ କାଉନସେଲିଂ କକ୍ଷ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଜିଲା ଗସ୍ତରେ ଆସି ପରିଷଦ ରାଜ୍ୟ ବୋର୍ଡ ଉପସଭାପତି ରୁଦ୍ରମୋହନ ସାହୁ, ସାଧାରଣ ସମ୍ପାଦକ ପ୍ରବୀଣ କୁମାର କ୍ଷେଣ୍ଡ, ନର୍ଥ ଡିଭିଜନ୍ ବୋର୍ଡ ସଭାପତି ଦିନେଶ କୁମା ତ୍ରିପାଠୀ ଉପସ୍ଥିତ ଥିଲେ। ଜିଲାରେ ଖୁବ୍‌ଶୀଘ୍ର ପରିଷଦର ଜିଲା ବୋର୍ଡ କାର୍ଯ୍ୟାଳୟ ଆରମ୍ଭ କରାଯିବା ସହ ଅନ୍ୟ ପଦପଦବୀରେ ଦାୟିତ୍ୱ ଦିଆଯିବ ବୋଲି ସଭାପତି ପଟ୍ଟନାୟକ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି ଅଭିଯୋଗ

**ବଲାଙ୍ଗୀର ଅଫିସ, ୧୮।୬:** ବଲାଙ୍ଗୀର ସଦର ବ୍ଲକ୍ ବୈଦିପାଲି ପଞ୍ଚାୟତ ଅନ୍ତର୍ଗତ ପ୍ରତାପରୁଦ୍ରପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ କେତେକ ଗ୍ରାମବାସୀ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ। ଏହି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ରହୁଥିବା ଅନ୍ୟ ଜଣେ ବ୍ୟକ୍ତି ଠକାମୀ କରି ଜାଲ ପାର୍ଚ୍ଚାରେ ପ୍ରଧାନମନ୍ତ୍ରୀ ଆବାସ ହାତେଇଥିବା ଅଭିଯୋଗ କରିଛନ୍ତି। ଏଭଳିକି ୫୫ ହଜାର ଟଙ୍କା ଉଠାଇଥିବା ଉଲ୍ଲେଖ କରିଛନ୍ତି। ସେହି ଗାଁରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ପ୍ରଧାନମନ୍ତ୍ରୀ ଆବାସ ଘର ହାତେଇଥିବା ଅଭିଯୋଗ କରିଛନ୍ତି। ଏଦିଗରେ ତଦନ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚନ ହେବ ବୋଲି ଗ୍ରାମବାସୀ ଜଣାଇଛନ୍ତି।

## କର୍ଲାମୁଣ୍ଡା ପଞ୍ଚାୟତ ସମିତି ବୈଠକ

**କର୍ଲାମୁଣ୍ଡା, ୧୮।୬ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ସମିତିସ୍ତରୀୟ ଜରୁରୀକାଳୀନ ବୈଠକ ଶୁକ୍ରବାର ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ଅରବିନ୍ଦ ଚୌଧୁରୀ, ଉପାଧକ୍ଷା ଆନନ୍ଦିନୀ ଭୋଇ, ଜିପିଇଓ ଜୁଗଲ କିଶୋର ନାଏକ, ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଅଂଶ ଗ୍ରହଣ କରିଥିଷଲା ସ୍ଥାନୀୟ ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ନିକଟକୁ ସମିତି ଦ୍ୱାରା ପଠାଯାଇଥିବା ଚିଠି ଗୁରୁବାର ପହଞ୍ଚି ଥିବାରୁ ବିଧାୟକ ଯୋଗଦେଇ ନ ପାରି ତାଙ୍କ ପ୍ରତିନିଧି ଭାବେ ଦିନବନ୍ଧୁ ସାହୁ ବୈଠକରେ ଯୋଗଦେଇଥିଲେ। ଅନ୍ୟପଟେ ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୧୪୫୭ ତା. ୯ ଜୁନ ୨୦୨୧ ରିଖ ସମିତିସ୍ତରୀୟ ଜରୁରୀ ବୈଠକ ହେବ ବୋଲି ଉଲ୍ଲେଖ ରହିଛି। ୮ ଦିନ ପୂର୍ବରୁ ଚିଠି ଲେଖାଯାଇଥିଲେ ହେଁ ବିଧାୟକଙ୍କ ନିକଟରେ ଧାର୍ଯ୍ୟ ସମୟରେ ପହଞ୍ଚି ନ ପାରିବା ଓ ବୈଠକକୁ ଜରୁରୀକାଳୀନ ବୈଠକ ନାମରେ ନାମିତ କରିବା ବିଷୟକୁ ସାଧାରଣ ଲୋକେ ସହଜେ ଗ୍ରହଣ କରି ପାରୁନାହାନ୍ତି। ବୈଠକରେ ପୂର୍ବ ବୈଠକ ବିବରଣ ନ ପଢ଼ିବା ବିଷୟକୁ ନେଇ ସମିତି ସଭ୍ୟ ସୀମାଞ୍ଚଳ ଭୋଇ ଓ ବିଧାୟକ ପ୍ରତିନିଧି ସାହୁ ତୀବ୍ର ନିନ୍ଦା କରିଛନ୍ତି।

## ନାବାଳିକାଙ୍କ ପତ୍ତା ମିଳୁନି, ଏସ୍‌ପିଙ୍କୁ ଫେରାଦ

**ଅତାବିରା, ୧୮।୬ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ଥାନା ହିଲ୍ଲିପାଲି ଗାଁର ଜଣେ ନାବାଳିକା ଅପହରଣକୁ ମାସେ ବିତିଯାଇଥିଲେ ମଧ ପୋଲିସ ଉଦ୍ଧାର କରିପାରିନାହିଁ। ନାବାଳିକାଙ୍କ ପିତାଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ.୧୨୬/୨୧) ରୁଜୁ କରି ଚୁପ୍ ବସିଛି। ଫଳରେ ଉକ୍ତ ନାବାଳିକାଙ୍କ ପରିବାର ଲୋକେ ବରଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଅତାବିରା ଥାନା ଆଇଆଇସି ଦିଲୀପ କୁମାର ବେହେରାଙ୍କୁ ପଚରାଯିବାରୁ ନାବାଳିକା ଅପହରଣ ଘଟଣା ନେଇ ଏସ୍‌ପିଙ୍କ ଠାରେ ଅଭିଯୋଗ ହୋଇଥିବା ସୂଚନା ପାଇଛି। ଉପରିସ୍ଥ ଅଧିକାରୀଙ୍କ ଠାରୁ ନିର୍ଦ୍ଦେଶ ଆସିବା ପରେ ଘଟଣାର ତଦନ୍ତ କରି ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ବେହେରା କହିଥିଲେ।

# କ୍ୟାନ୍‌ସର ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଅର୍ଥ ନାହିଁ

**ଅମରପାଲି, ୧୮।୬(ଡି.ଏନ.ଏ.)**

ଅର୍ଥାଭାବରୁ ହୋଇପାରୁନି ଚିକିତ୍ସା। ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଯୁବକ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଗୌଡଗାଡ ଗ୍ରାମରେ। ଉକ୍ତ ଗ୍ରାମର ଇନ୍ଦ୍ର ଜଗତଙ୍କ ବଡପୁଅ ରାଜେଶ(୧୮) ଏବେ କ୍ୟାନସରରେ ଆକ୍ରାନ୍ତ। ଉତ୍ତମ ଚିକିତ୍ସା ପାଇଁ ଟଙ୍କା ନ ଥିବାରୁ ଭାଗ୍ୟକୁ ଆଦରି ଘରେ ପଡି ରହିଛନ୍ତି। ଚିକିତ୍ସା ପାଇଁ ସହାୟତା କରିବାକୁ ଆକ୍ରାନ୍ତ ଯୁବକ ଓ ତାଙ୍କ ପରିବାରବର୍ଗ ସରକାର ଓ ସାଧାରଣ ଲୋକଙ୍କୁ ଆକୁଳ ନିବେଦନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଅକ୍ଟୋବର ମାସରେ ରାଜେଶଙ୍କ ପେଟ ଯନ୍ତ୍ରଣା ହେଲା। ସେ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଥିଲେ। ପରେ ସେ ରେଢ଼ାଖୋଲ ଏବଂ ସମ୍ବଲପୁର



ରୋଗାକ୍ରାନ୍ତ ରାଜେଶ ଜଗତ।

**ସହାୟତା ପାଇଁ ନିବେଦନ କଲେ ପରିବାର ଲୋକେ**

ଡାକ୍ତରଖାନା ଚିକିତ୍ସା ପାଇଁ ଯାଇଥିଲେ। ହଠାତ୍ ଦିନେ ପେଟ ଯନ୍ତ୍ରଣା ଅଧିକ ହେବା ସହିତ ପରିସ୍ରା ଓ ଝାଡା ବନ୍ଦ ହୋଇଗଲା। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡଡାକ୍ତରଖାନା ନିଆଗଲା। ସେଠାରେ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଅପରେଶନ କରାଗଲା। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲା। ଜମିବାଡି ଓ ସୁନା ଗହଣା ବିକ୍ରି ସହ ଅଞ୍ଚଳର କେତେକ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହଯୋଗରେ ଚିକିତ୍ସା ଖର୍ଚ୍ଚ ତୁଲାଇଥିଲେ। ମାତ୍ର ପରେ ତାଙ୍କୁ କ୍ୟାନସର ହୋଇଥିବା ଜଣାପଡିଲା। ହାତରେ ଟଙ୍କା ନ ଥିବାରୁ ଡାକ୍ତରଖାନାରେ ଆଉ ଚିକିତ୍ସା ନ କରି ପୁଅକୁ ଘରକୁ ଫେରାଇ ଆଣିଛନ୍ତି ମା'ବାପା। ଏବେ ପରିବାର ଚଳାଇବା ସହ ପୁଅର ଔଷଧ ଖର୍ଚ୍ଚ କରି ପାରୁ ନାହାନ୍ତି ପରିବାର ଲୋକେ। ଇନ୍ଦ୍ର ଏବେ ମୂଲ ଲାଗି ଘର ଚଳାଉଥିବା ବେଳେ ଦ୍ୱିତୀୟ ପୁଅ ରାକେଶ (୧୫) ପାଠପଢ଼ାରେ ଡୋରି ବାନ୍ଧି କୁଲି କାମ କରିବାକୁ ଯାଉଛି। ସାନପୁଅ ପ୍ରକାଶ(୧୨)ର ପାଠପଢା ଯେନତେନ ପ୍ରକାରେ ଚାଲିଛି। ବର୍ତ୍ତମାନ ସରକାରୀ ସହାୟତା ମିଳିଲେ ପୁଅର ଚିକିତ୍ସା କରିବୁ ବୋଲି ରାଜେଶଙ୍କ ମା' ପୁଷ୍ପାଞ୍ଜଳି ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ସେମାନେ ବିପିଏଲ ପରିବାର ହୋଇଥିବାରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଧାନକୁ ନେଇ ଧାରଣା



ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

**ବରଗଡ଼ ଅଫିସ୍, ୧୮।୬**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦୁଇଦିନ ପରେ ଦେଢ଼ମାସ ପୂରିବ। ଅଥଚ ଏଯାଏ ଧାନ କିଣାବିକା ବ୍ୟବସ୍ଥିତ ହୋଇପାରିନାହିଁ। ଜିଲାର ବିଭିନ୍ନ ମଣ୍ଡି ସମେତ ଚାଷୀଙ୍କ କ୍ଷେତ, ଖଳାରେ ଖୋଲା ଆକାଶତଳେ ଲକ୍ଷାଧିକ ବସ୍ତା ଧାନ ପଡ଼ି ରହିଛି। ଦୁହାକୁ ଦୁହା ବର୍ଷା ଯୋଗୁ ତାହା ଭିଜି ନଷ୍ଟ ହୋଇଛି। ଏହାସତ୍ତ୍ୱେ ଧାନ ଉଠାଣ ଦିଗରେ ପ୍ରଶାସନିକ ତତ୍ପରତା ପରିଲକ୍ଷିତ ହେଉନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି। ଶୁକ୍ରବାର ଭେଡ଼େନ ବ୍ଲକ ସାହ୍ଲେପାଲି ଗ୍ରାମର ଶତାଧିକ ଚାଷୀ ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଧାନ ଉଠାଣ ପାଇଁ ସାହ୍ଲେପାଲି ନିକଟ ରଙ୍ଗାଟିକ୍ରା ମଣ୍ଡିକୁ ୫ଟି ଗାଡ଼ି ପଠାଇବା ସହିତ ୨ଦିନ ମଧ୍ୟରେ ସମସ୍ତ ଧାନ ଉଠାଯିବ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ଚାଷୀନେତା ରମେଶ ମହାପାତ୍ର, ଉମାକାନ୍ତ ବାରିକ, ତରଣୀସେନ ଭୋଇ, ପ୍ରସନ୍ନ କୁମାର ପ୍ରଧାନ, ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ଡିଇଓଙ୍କୁ ଭେଟିଲା ଅଭିଭାବକ ସଂଘ

**ବରଗଡ଼ ଅଫିସ୍, ୧୮।୬**

ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଫି ଆଦାୟ ପ୍ରତିବାଦରେ ଶୁକ୍ରବାର ବରଗଡ଼ ଜିଲା ଅଭିଭାବକ ସଂଘ ସ୍ଥାନୀୟ ଜିଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଫି ଛାଡ଼ ନେଇ ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତିରେ ଅନେକ ତ୍ରୁଟି ରହିଥିବା ଦର୍ଶାଇ ଏହାକୁ ସଂଶୋଧନ କରିବାକୁ ସଂଘ ଦାବି କରିଛି।

ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ରାଜ୍ୟ ସରକାର ପୂର୍ବରୁ ଏମ୍‌ଓୟୁ କରିଥିବା ସ୍କୁଲକୁ ଛାଡ଼ି ଅନ୍ୟ ସମସ୍ତ ସ୍କୁଲ ପାଠପଢ଼ା ଜନିତ ଫିରୁ ୧୫ ପ୍ରତିଶତ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୃଷ୍ଟିକୋଣରୁ କେବଳ ପାଠପଢ଼ା ଜନିତ ଫିରୁ ୧୫ ପ୍ରତିଶତ ଛାଡ଼ ହେବା କଥା। ସେହିପରି ସ୍କୁଲ ଖର୍ଚ୍ଚ, ଗାଡ଼ି, ଖେଳ ହୋଇ ନ ଥିବା ଯୋଗୁ ସେହି କ୍ଷେତ୍ରରେ ଫି ଆଦାୟ କରାଯିବା କଥା ନୁହେଁ। କେବଳ କର୍ମଚାରୀଙ୍କ ଦରମା ଏବଂ ଅନ୍‌ଲାଇନ କ୍ଲାସର ସମୁଦାୟ ଖର୍ଚ୍ଚରୁ ୧୫ ପ୍ରତିଶତ କାଟି ଫି ଆଦାୟ କରାଯିବା ଉଚିତ୍। କିନ୍ତୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଭିନ୍ନ ଉପାୟରେ ଫି ଅସୁଲ କରୁଛନ୍ତି। ଫଳରେ କେଉଁ ଭିତ୍ତିରେ ସ୍କୁଲ ଫି ଆଦାୟ ହେବ ଏବଂ କେତେ ଛାଡ଼ ହେବ, ସେ ନେଇ ସ୍ପଷ୍ଟ ନିର୍ଦ୍ଦେଶ ଦେବାକୁ ଅଭିଭାବକ ସଂଘ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘ ସଭାପତି ବିମଳ କୁମାର ଦାଶ, ସମ୍ପାଦକ ସୁଜିତ କୁମାର ଦାଶ ଏବଂ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।



ଅଭିଭାବକ ସଂଘର ପ୍ରତିନିଧିବୃନ୍ଦ ଡିଇଓଙ୍କୁ ଭେଟୁଛନ୍ତି।

## ପାଣି ଘେରରେ ନକୁଆନାଳୀ ଗ୍ରାମବାସୀ

**ବାଉଁଶୁଣୀ, ୧୮।୬ (ଡି.ଏନ.ଏ.)**

ବୌଦ୍ଧ ବ୍ଲକର ବୁଟୁପାଲି-ବଘିଆପଡା ୧୮ କି.ମି. ପୂର୍ତ୍ତ ବିଭାଗ ରାସ୍ତା ଉନ୍ନତିକରଣ କାମ ଚାଲିଛି। ଏଆରଏସଏସ ଠିକା ସଂସ୍ଥା ଏହି କାମ କରୁଛି। ତେବେ ଠିକାସଂସ୍ଥା ଗାଁର ପାଣି ନିଷ୍କାସନ ପାଇଁ ଥିବା ଡ୍ରେନ ପୋତି ଦେଇଛି। ଫଳରେ ସାମାନ୍ୟ ବର୍ଷାରେ ପାଣି ନିଷ୍କାସନ ହୋଇ ପାରୁନାହିଁ। ଜଳ ଘେରରେ ବଦ୍ଧାପଥର ପଞ୍ଚାୟତ ଅଧୀନ ନକୁଆନାଳୀ ଗ୍ରାମବାସୀ ରହୁଛନ୍ତି। ଏନେଇ ଗ୍ରାମବାସୀ ଅନେକ ଥର ଠିକା ସଂସ୍ଥା ନିକଟରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ବୃକ୍ଷରୋପଣ କଲେ ଯୁବଗୋଷ୍ଠୀ



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଯୁବଗୋଷ୍ଠୀ।

**ବରଗଡ଼ ଅଫିସ୍, ୧୮।୬**

ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତର ନଦୀପଡ଼ାରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନଦୀପଡ଼ା ଯୁବଗୋଷ୍ଠୀ ୱାଇଲ୍ଡ ହାର୍ଟ ଏବଂ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୮୦ ବୃକ୍ଷଚାରା ରୋପଣ କରାଯାଇଥିଲା। ଜନକଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ, ୱାଇଲ୍ଡ ହାର୍ଟ ସଭାପତି ଚନ୍ଦ୍ରଭାନୁ ନାଏକ, ଗୌରବ ପ୍ରଧାନ, ସନୁ ବନଛୋର, ବିଜୟ ବନଛୋର, ରାଜକୁମାର ବନଛୋର ପ୍ରମୁଖ ଚାରା ରୋପଣ କରିଥିଲେ। ଆଗାମୀ ଦିନରେ ଆହୁରି ହଜାରେ ବୃକ୍ଷ ଚାରାରୋପଣ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ମହିଳା ପ୍ରମୁଖ ସୁନୀତି ରଥ ସୂଚନା ଦେଇଛନ୍ତି।

# କୃଷକ ଉତ୍ପାଦକ ସଂଘ ପ୍ରୋତ୍ସାହନ ପାଇଁ ବୈଠକ

**କର୍ଲାମୁଣ୍ଡା, ୧୮।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ କୃଷକ ଉତ୍ପାଦକ ସଂଘର ପ୍ରୋତ୍ସାହନ ଓ ବିକାଶ ପାଇଁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସହାୟତା ଓ ମହାଶକ୍ତି ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୧୫ଜଣ ପରିବା ଚାଷୀ ଯୋଗଦେଇଥିଲେ। କୃଷକ ଉତ୍ପାଦକ ସଂଘ ଗଠନର ଉପକାରିତା, ଚାଷୀଙ୍କ ଭାଗିଦାରୀତା, ସଂଘ ଗଠନରେ ଚାଷୀଙ୍କୁ ମିଳୁଥିବା ବିଭିନ୍ନ ଲାଭ, ସଂଘ ପଞ୍ଜୀକରଣର ପ୍ରକ୍ରିୟା ଇତ୍ୟାଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ସଂଘ ଗଠନ ମାଧମରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବିଷୟରେ ବୈଠକର ଆଲୋଚନା ପ୍ରସଙ୍ଗ ହୋଇଥିଲା। ଆସନ୍ତା ଏକ ମାସ ମଧରେ କର୍ଲାମୁଣ୍ଡା ବ୍ଲକର ଅଗ୍ରଣୀ ପନିପରିବା ଚାଷୀଙ୍କୁ ନେଇ ଏକ କୃଷକ ଉତ୍ପାଦକ ସଂଘ ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅଗ୍ରଣୀ ଚାଷୀ ପୂର୍ଣ୍ଣଚନ୍ଦ୍ର ମାଝି, ବଳଦେବ ଭୋଇ, ଜତି ଭୋଇ, ଜୟନ୍ତୀ ପ୍ରଧାନ, ଆମ୍ବାବତି ପଟେଲ ପ୍ରମୁଖ ପନିପରିବା ଚାଷ ସମ୍ପର୍କିତ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।



ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ଜିଲାପାଳଙ୍କୁ ଭେଟିଲେ ଚାଷୀ

**ବୌଦ୍ଧ, ୧୮।୬(ସ୍ୱ.ପ୍ର.)**

ମଣ୍ଡିରେ ଚାଷୀଙ୍କ ଧାନ ଉଠା ନ ଯିବା ପ୍ରତିବାଦରେ କଣ୍ଟାମାଳ ବ୍ଲକ ସିମିଳିପଦର ପ୍ୟାକ୍ସର ଚାଷୀମାନେ ରାସ୍ତାରୋକୋ କରି ଅଧିକାରୀଙ୍କୁ ଅଟକ ରଖିଥିଲେ। ଶୁକ୍ରବାର ଚାଷୀମାନେ ଦାବି ପୂରଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଣ୍ଡିରେ ଗଦା ହୋଇଥିବା ଧାନ କ୍ରୟ କରିବାକୁ ଚାଷୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁସାରେ, ସମିଳିପଦର ପ୍ୟାକ୍ସ ଅଧୀନ ଚାଷୀ ଜୁନ୍ ୧ ତାରିଖରୁ ମଣ୍ଡିରେ ଧାନ ଜମା କରିଛନ୍ତି। ସମସ୍ତଙ୍କ ନିକଟରେ ଟୋକନ୍ ରହିଛି। ହେଲେ ଧାନ ଉଠାଣ ପାଇଁ ମିଲର ଆସିନାହାନ୍ତି। ଯଥାଶୀଘ୍ର ଧାନ ଉଠାଣ ପାଇଁ ବ୍ୟବସ୍ଥା କରିବାକୁ ଗୋବିନ୍ଦ ସାହୁ, ବିରେନ୍ଦ୍ର ଚାନ୍ଦ, ସୁବଳ ବେହେରା, ଇଶ୍ୱର ଷଣ୍ଢଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

## ଗୋ ଚାଲାଣ ବନ୍ଦ ପାଇଁ ଦାବିପତ୍ର

**ଅମରପାଲି, ୧୮।୬(ଡି.ଏନ.ଏ.)**

ଗୋ ଚାଲାଣ ବନ୍ଦ ପାଇଁ ଶୁକ୍ରବାର ବୀରମହାରାଜପୁର ବଜରଙ୍ଗ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ମୋତିଲାଲ ସୁଲିଆଙ୍କୁ ପ୍ରଦାନ କରାଯାଇଛି। ଗୋସମ୍ପଦକୁ ବୀରମହାରାଜପୁର ଦେଇ ଚାଲାଣ ବେଳେ ଗାଡ଼ିକୁ ଧରି ପୋଲିସ ଜିମା ଦେଉଥିଲେ ସୁଦ୍ଧା ପରେ ଚାଲାଣକାରୀ ଥାନାରୁ ଗାଡି ସହ ଖସି ଯାଉଥିବା ସଂଗଠନ ଅଭିଯୋଗ କରିଛି। ବଜରଙ୍ଗ ଦଳ ସଂଯୋଜକ ଶୁଭମ ପ୍ରୀତମ ହୋତା, ଅବନୀଶ ହୋତା, ଅଂଶୁମାନ ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ସୁବର୍ଣ୍ଣପୁରରେ ଅକ୍ସିଜେନ୍ ପ୍ଲାଣ୍ଟର ଶିଳାନ୍ୟାସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ।

**ସୋନପୁର, ୧୮।୬(ନି.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସ ଯୋଗେ ସୁବର୍ଣ୍ଣପୁର ଅକ୍ସିଜେନ୍ ପ୍ଲାଣ୍ଟର ଶୁକ୍ରବାର ଶିଳାନ୍ୟାସ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୨ଗୋଟି ପ୍ଲାଣ୍ଟ ନିର୍ମାଣ ହେବ। ଏହା ଦ୍ୱାରା ତରଳ ମେଡିକାଲ ଅକ୍ସିଜେନ୍ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା ଏବଂ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ୍‌ର ଉତ୍ପାଦିକରଣ ଏବଂ ବଣ୍ଟନ ବ୍ୟବସ୍ଥା ହୋଇପାରିବ। ଏହା ଜିଲାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ କରିବା ସହ କୋଭିଡ୍ ମହାମାରୀ ସମୟରେ ବିଶେଷ ସହାୟକ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ମଞ୍ଚାସୀନ ଥିଲେ। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଓ ପିଡି ଡିଆରଡିଏ ଡୋଲାମଣି ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କୁଷ୍ଠାଶ୍ରମରେ ଜନ୍ମଦିନ ପାଳିଲେ ପର୍ବତାରୋହୀ

**ବରଗଡ଼ ଅଫିସ୍, ୧୮।୬**

ବରଗଡ଼ର ଅନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଟଙ୍କ ଶୁକ୍ରବାର ଜନ୍ମଦିନ ଥିଲା। ସେ ସକାଳୁ ବରଗଡ଼ ସହର ଉପକଣ୍ଠ ଜମୁର୍ଡ଼ା ନିକଟ କୁଷ୍ଠାଶ୍ରମକୁ ଆସି ଅନ୍ତେବାସୀଙ୍କ ସହିତ ଭାବ ବିନିମୟ କରିଥିଲେ। ଏହାସହିତ କୁଷ୍ଠାଶ୍ରମର ବରିଷ୍ଠ ଲୋକଙ୍କୁ ଫୁଲ, ଚନ୍ଦନ ମଖାଇ ସେମାନଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଖୁଆଇବା ସହିତ କୁଷ୍ଠାଶ୍ରମରେ ନିଜ ଜନ୍ମଦିନ ପାଳନ କରିବାର ସୁଯୋଗ ପାଇ ସେ ଗର୍ବ ଅନୁଭବ କରୁଛନ୍ତି ବୋଲି ଲିପିକା କହିଥିଲେ। ଏହା ସହିତ କୁଷ୍ଠାଶ୍ରମରେ ରହୁଥିବା ପିଲାମାନଙ୍କ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ପାଠପଢ଼ା କ୍ଷେତ୍ରରେ ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଲେ ଯଥାସମ୍ଭବ ସହଯୋଗ କରିବେ ବୋଲି ଲିପିକା କହିଥିଲେ। ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପ୍ରଧାନ, ଆହ୍ଲାଦ ଖମାରୀ, ଦିବାକର ମାଝି, ଆନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## 'ପ୍ରଚାର ସର୍ବସ୍ୱ ନୀତିରେ ସହାୟତା ଘୋଷଣା କରା ନ ଯାଉ'

**ବଲାଙ୍ଗୀର ଅଫିସ, ୧୮।୬**

କରୋନା ଯୋଗୁଁ ସାଧାରଣ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇଛି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ଉଠା ଦୋକାନୀ, ଏମ୍‌ଜିଏନଆରଇଜିଏସ୍ ଶ୍ରମିକ, ଚାଷୀ ଓ ନିର୍ମାଣ ଶ୍ରମିକଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହାକୁ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲେ ମଧ ପ୍ରଚାର ସର୍ବସ୍ୱ ଘୋଷଣା କରା ନ ଯାଉ ବୋଲି ନିବେଦନ କରାଯାଇଛି। କରୋନା ପ୍ରଥମ ଲହରରେ ନିର୍ମାଣ ଶ୍ରମିକଙ୍କ ପାଇଁ ଘୋଷିତ ୧୫୦୦ ଟଙ୍କା ସହାୟତା ଆଜି ପର୍ଯ୍ୟନ୍ତ ରାଜ୍ୟର ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଠିକ୍ ଭାବରେ ବଣ୍ଟନ କରାଯାଇନାହିଁ। ଅଣସଙ୍ଗଠିତ କ୍ଷେତ୍ରରେ ମଧ ଉଠାଦୋକାନୀଙ୍କ ପାଇଁ ଘୋଷଣା କରାଯାଇଥିବା ସହାୟତାରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହେବା ଆଶଙ୍କା ରହିଛି। ୨୦୧୪ ଉଠା ଦୋକାନୀ ଆଇନକୁ ପୌରସଂସ୍ଥା ମାନଙ୍କ ଦ୍ୱାରା ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଇନାହିଁ। ଗ୍ରାମାଞ୍ଚଳର ବିଭିନ୍ନ ବଜାରକୁ ଆସୁଥିବା ବୁଲା ବିକାଳି ଓ ଉଠା ଦୋକାନୀଙ୍କୁ ଚିହ୍ନଟ କରାଯାଇନାହିଁ। ପ୍ରବାସୀ ଶ୍ରମିକ ଅନ୍ୟାନ୍ୟ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟ କରୁଥିବା ଘରୋଇ ଶ୍ରମିକ, ଅଟୋ, ଟ୍ୟାକ୍ସି, ରିକ୍ସାଚାଳକ ବର୍ଗର ଶ୍ରମିକଙ୍କୁ ମାସିକ ୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉ। ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସ ନିର୍ମାଣ କ୍ଷେତ୍ର ରାଜ୍ୟ ସଂଯୋଜକ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରିଙ୍କୁ ପ୍ରଦାନ କରାଯାଇଛି।

# ଦୁର୍ଦ୍ଦିନରେ ବାଜା କଳାକାର

**ସରକାରୀ ସହାୟତା ଦାବି**

**ବାଉଁଶୁଣୀ, ୧୮।୬ (ଡି.ଏନ.ଏ.)**

କରୋନା ସଂକ୍ରମଣ ଯୋଗୁ ଲକ୍‌ଡାଉନ ଜାରି କରାଯାଇଥିବା ବେଳେ ବାଜା କଳାକାରମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏହି କଳାକାରମାନେ ବର୍ଷକୁ ୩ରୁ ୪ ମାସ ବାଜା ବଜାଇ ରୋଜଗାର କରିଥାନ୍ତି। ବର୍ତ୍ତମାନ ବିବାହ ତଥା ମାଙ୍ଗଳିକ କାର୍ଯ୍ୟକୁ ସରକାର ଯେଉଁ ଅନୁମତି ଦେଇଛନ୍ତି ସେଥିରେ ବର ଓ କନ୍ୟା ପକ୍ଷ ସହିତ ବ୍ରାହ୍ମଣ, ବାରିକ ଆଦିଙ୍କୁ ମିଶାଇ ୨୫ ଜଣ ହିଁ ଭାଗ ନେଇପାରିବେ। ବାଜା ଓ ରୋଷଣୀକୁ ଅନୁମତି ମିଳୁ ନ ଥିବାରୁ ପରୋକ୍ଷ ଭାବରେ ଏମାନେ ରୋଜଗାର ହରାଇଛନ୍ତି। ଏହି କଳାକାରମାନେ ବର୍ଷର ଅନ୍ୟ ମାସରେ ବିଭିନ୍ନ କାମ କରିଥାନ୍ତି। ତେବେ କାମଧନ୍ଦା ବନ୍ଦ ଥିବାରୁ ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡିଛି। ଏହି କଳାକାରଙ୍କ ମଧ୍ୟରୁ ଅନେକଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନୁହେଁ। ଏହାଛଡା ସେମାନଙ୍କ ପାଖରେ ରାଶନ କାର୍ଡ କିମ୍ବା ଜବକାର୍ଡ ଖଣ୍ଡେ ନାହିଁ। ତେଣୁ ତାଲବନ୍ଦ ସମୟରେ ମିଳୁଥିବା ସମସ୍ତ ସରକାରୀ ଯୋଜନାରୁ ଏମାନେ ବଞ୍ଚିତ ହେଉଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦିନ ମଜୁରିଆ, ଉଠା ଦୋକାନୀ, ନିର୍ମାଣ ଶ୍ରମିକ ଇତ୍ୟାଦି ବର୍ଗଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଯଦି ଏମାନଙ୍କୁ ସରକାର ସହାୟତାର ହାତ ନ ବଢ଼ାନ୍ତି ତେବେ ଅନେକ ବାଜା କଳାକାରଙ୍କ ପରିବାର ଭୋକ ଉପାସରେ ଦିନ କାଟିବାକୁ ବାଧ ହେବା ସାର ହେବ। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ବାଜା କଳାକାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା କଳାକାରମାନେ ଦାବି କରିଛନ୍ତି।



ଜିଲାର ବାଜା କଳାକାରମାନେ।